# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୧୯ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ବର୍ତ୍ତମାନ ସମୟରେ ହଳଦିଆ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ବାଦାମୀ ଗୁଣ୍ଡିପୋକ,  ଧଳା ପତ୍ରଡିଆଁ ଏବଂ ଗାନ୍ଧି ପୋକର ଆର୍ବିଭାବ ହୋଇପାରେ । ସେମାନଙ୍କର ଆର୍ଥିକ ଦେହଳୀ ସୀମା ହେଲା :

    - ହଳଦିଆ କାଣ୍ଡବିନ୍ଧା ପୋକ-୧-୨ ଟି ପୂର୍ଣ୍ଣ ପ୍ରଜାପତି କିମ୍ବା ବର୍ଗମିଟର ପ୍ରତି ଗୋଟିଏ ଅଣ୍ଡାପୁଞ୍ଜ (କିମ୍ବା ହେକ୍ଟର ପିଛା ୮ଟି ଯୌନ ସଂବେଦନ ଶୀଳ ଯନ୍ତା ବସାନ୍ତୁ । ସେଥିରେ ପ୍ରତିଦିନ ୪-୫ଟି ପୁରୁଷ ପ୍ରଜାପତି ଦେଖାଦେଲେ)

    - ପତ୍ରମୋଡା ପୋକ-ବୁଦାପ୍ରତି ୧-୨ ଟି ନଷ୍ଟ ହୋଇଥିବା ପତ୍ର

    - ଧଳା ପତ୍ରଡିଆଁ ପୋକ-ବୁଦାପ୍ରତି ୫-୧୦ ଟି ପୋକ

(ବି.ଦ୍ର: ବାଦାମୀ ଗୁଣ୍ଡିପୋକ ଏବଂ ଧଳା ପତ୍ରଡିଆଁ ପୋକର ଆର୍ବିଭାବ ଜାଣିବା ପାଇଁ ଧାନ ଗଛର ମୂଳକୁ ଗୋଟିଏ ବାଡି ଦ୍ୱାରା ହାଲୁକା ଭାବେ ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ତାଙ୍କର ସଂଖ୍ୟା ଜାଣିହେବ)

ଆର୍ଥିକ ଦେହଳୀ ସୀମାରୁ ପୋକର ସଂଖ୍ୟା ଅଧିକ ଥିଲେ ନିମ୍ନଲିଖିତ ପୋକମରା ଔଷଧ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

- ହଳଦିଆ କାଣ୍ଡବିନ୍ଧା ପୋକର ଦମନ ପାଇଁ ଏକର ପ୍ରତି ରାଇନାକ୍ସିପାର ୨୦ ଏସ୍.ସି. ୬୦ ମି.ଲି. କିମ୍ବା ଟ୍ରାଇଜୋଫସ୍ ୪୦ ଇ.ସି. ୫୦୦ ମି.ଲି. କିମ୍ବା ଏସିଫେଟ୍ ୭୫ ଏସ୍.ପି. ୩୦୦ ଗ୍ରାମ୍ କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୧୦୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ ।

- ପତ୍ରମୋଡା ପୋକ ଦମନ ପାଇଁ ଏକର ପିଛା ଟ୍ରାଇଜୋଫସ୍ ୪୦ ଇ.ସି. ୫୦୦ ମି.ଲି. କିମ୍ବା ୪୦ ଗ୍ରା. ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡ଼ା ୨ ଭାଗ ସାବୁନ ପାଣି ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

- ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ ଦମନ ପାଇଁ ଏକର ପିଛା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ.  ୫୦ ମି.ଲି. କିମ୍ବା ୪୦ ଗ୍ରାମ୍ ଥାୟୋମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି. କିମ୍ବା ୨୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫ ମି.ଲି. ନିମ୍ବତେଲ ସହିତ ଶତକଡ଼ା ୨ ଭାଗ ସାବୁନ ପାଣିକୁ ଏକ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

ବିଭିନ୍ନ ପ୍ରକାର ରୋଗ ଯଥା ମହିଷା, ପତ୍ରାଚ୍ଛାଦ ପୋଡା, ପତ୍ରପୋଡା, ପତ୍ରଗାର ପୋଡା ଏବଂ ପତ୍ରାଚ୍ଛାଦ ସଢ଼ା ରୋଗ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର । ଯଦି ଆବଶ୍ୟକ ପଡେ ସେମାନଙ୍କୁ ଦମନ ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରନ୍ତୁ :

- ପତ୍ରପୋଡା /ପତ୍ରଗାର ପୋଡା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ୧ ଗ୍ରାମ୍ ହିସାବରେ ପ୍ଲାଣ୍ଟୋମାଇସିନ୍ କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୫୦ ମି.ଗ୍ରା. ସହିତ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ହିସାବରେ  ମିଶାଇ ୮ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । ଏକ ଏକର ସିଞ୍ଚନ ପାଇଁ ସର୍ବଦା ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- ମହିଷା ରୋଗ ଦମନ ପାଇଁ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% ସହିତ ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲୁ.ଜି.) ୦.୪ ଗ୍ରାମ୍ କିମ୍ବା ୨ ଗ୍ରାମ୍ ହିସାବରେ କାରବେନ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ ସିଞ୍ଚନ କରିବା ଦରକାର । ଏତଦ୍‌ବ୍ୟତୀତ ୨୫ ଗ୍ରାମ୍ ପତ୍ରର ବେଲପତ୍ର ରସ କିମ୍ବା ତୁଳସୀ ପତ୍ର ରସ କିମ୍ବା ୨୦୦ ଗ୍ରାମ୍ ନିମ୍ବ ପତ୍ର ୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।

- ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ପ୍ରୋପିକୋନାଜଲ୍ ୨୫% (ଟିଲ୍ଟ) ୧ ଲିଟର ପାଣିରେ କିମ୍ବା ରାଇଜୋସିନ୍ ୩ ଏଲ୍ କିମ୍ବା ସିଥ୍‌ମାର୍ ୩ ଏଲ୍ ୨ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ । କିମ୍ବା ଟେବୁକୋନାଜୋଲ ୫୦% ସହିତ ଟ୍ରିଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କଣ୍ଟାଫ୍ ୫ ଇ.ସି. (ହେକ୍ସାକୋନାଜଲ୍ ୫ଇ.ସି. ୨ ମି.ଲି.) କିମ୍ବା ଥିଫ୍ଲୁଜାମିଡ୍ ୨୪ ଏସ୍.ସି. ୧ ମି.ଲି. ୧ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ କିମ୍ବା ବାଭିଷ୍ଟିନ୍ ୫୦ ଡବ୍ଲୁ.ପି.( କାରବେନ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି.) ୨.୫ ଗ୍ରାମ୍ ଏକ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

- ସର୍ବଦା ମନେରଖିବା ଉଚିତ୍ ଯେ ପାଗ ପରିଷ୍କାର ଥିବା ସମୟରେ ଔଷଧ ପ୍ରୟୋଗ କରିବେ । ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ “ରାଇସ୍ ଏକ୍ସପର୍ଟ ମୋବାଇଲ ଆପ୍” (Rice Expert), ଯାହାକି Google Play Store ରେ ଓଡିଆ ଓ ଇଂରାଜୀ ଭାଷାରେ ଉପଲବ୍ଧ ବ୍ୟବହାର କରନ୍ତୁ ।

******